୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Saturday September 20 ଭୁବନେଶ୍ୱର ଶନିବାର, ୨୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଭିଜିଲାନ୍ସ ଚଢ଼ାଉରେ କାଶୀପୁର ବନ ଅଧିକାରୀଙ୍କ କୋଟି କୋଟି ସମ୍ପତ୍ତି ଫାଶ

ଭୁବନେଶ୍ୱର, (ପି.ଏନ): ରାୟଗଡା ଜିଲ୍ଲାର କାଶୀପୁର ବନ ରେଞ୍ଜ ଅଫିସର ଅନ୍ତର୍ଯ୍ୟାମୀ ସାହୁଙ୍କୁ ନେଇ ଆଜି ବିଜିଲାନ୍ସ ନିର୍ଦ୍ଦେଶାଳୟର ବଡ଼ କାର୍ଯ୍ୟାନୁଷ୍ଠାନ ସମଗ୍ର ଓଡ଼ିଶାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ସାହୁଙ୍କ ବିଭିନ୍ନ ସମ୍ପତ୍ତିରେ ୯ଟି ସ୍ଥାନରେ ସମାନାନ୍ତରୀନ ତଳାଶି କରି ବିଜିଲାନ୍ସ କୋଟି କୋଟି ଟଙ୍କାର ଅସମ ସମ୍ପତ୍ତି ଜବତ କରିଛି। ୯ଟି ସ୍ଥାନରେ ଏକାସାଥିରେ ଚଢ଼ାଉ

ବିଜିଲାନ୍ସର ୯ଟି ଦଳ, ଯେଉଁଥିରେ ୭ DSP, ୭ Inspector, ୯ ASI ଓ ବିଭିନ୍ନ ସହାୟକ କର୍ମଚାରୀ ଯୋଗଦେଇଥିଲେ, ସକାଳୁ ୯ଟି ସ୍ଥାନରେ ଏକାସାଥିରେ ତଳାଶି ଆରମ୍ଭ କରିଥିଲେ। କାନ୍ଧମାଳ, ଗଞ୍ଜାମ, ନୟାଗଡ଼ ଓ ରାୟଗଡା ଜିଲ୍ଲାରେ ଏହି କାର୍ଯ୍ୟାନୁଷ୍ଠାନ ଚାଲିଥିଲା।

ସାହୁଙ୍କ ସ୍ତ୍ରୀଙ୍କ ନାମରେ ବାଲିଗୁଡାରେ ଥିବା ଘର, ସେଥିରେ ତାଙ୍କ ନିଜର ଘର, ନୟାଗଡ଼ର କରଡାପଡାରେ ଶ୍ୱଶୁରଙ୍କ ଘର, ସ୍ରାଣିକେତା ଓ ଡାରିଙ୍ଗବାଡ଼ିରେ ଘର, ବ୍ରହ୍ମପୁର ଓ ଗଞ୍ଜାମରେ ଥିବା ସମ୍ପତ୍ତି, କାଶୀପୁରର ସରକାରୀ କ୍ୱାର୍ଟର ଓ କାର୍ଯ୍ୟାଳୟ – ସମସ୍ତେ ବିଜିଲାନ୍ସର ତଳାଶି ଅଭିଯାନର ଅଂଶ ହୋଇଥିଲା। ତଳାଶିରେ ଏପର୍ଯ୍ୟନ୍ତ ବହୁତ ଆଶ୍ଚର୍ଯ୍ୟଜନକ ସମ୍ପତ୍ତି ଜବତ ହୋଇଛି। ବାଲିଗୁଡା, ଡାରିଙ୍ଗବାଡ଼ି ଓ ବ୍ରହ୍ମପୁରରେ ୫ଟି ଘର। ୯ଟି ମୂଲ୍ୟବାନ ଜମି (୬ଟି ବାଲିଗୁଡା ପ୍ରାନ୍ତରେ, ୧ଟି ବ୍ରହ୍ମପୁରରେ ଓ ୨ଟି ଗଞ୍ଜାମରେ)। ୨୬୩.୨୨ ଗ୍ରାମ ସୁନାର ଆଭୂଷଣ। ୨୭,୯୯,୬୫୯ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଡିପୋଜିଟ୍। ୧ଟି ଦୁଇ-ଚକିଆ ଯାନ। ୯.୪୩ ଲକ୍ଷ ଟଙ୍କାର ନଗଦ ଓ ଘରୋଇ ସାମଗ୍ରୀ। ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ଏହି ସମସ୍ତ ଘର, ଜମି ଓ ସମ୍ପତ୍ତିର ମାପ ଓ ମୂଲ୍ୟାଙ୍କନ କରୁଛି। ପ୍ରାଥମିକ ଆକଳନ ଅନୁସାରେ ସମଗ୍ର ସମ୍ପତ୍ତିର ମୂଲ୍ୟାୟନ କୋଟି କୋଟି ଟଙ୍କା, କିନ୍ତୁ ଆଗାମୀ ଦିନରେ ଆଉ ଅଧିକ ସମ୍ପତ୍ତି ଫାଶ



ହେବାର ସମ୍ଭାବନା ଅଛି। ଏହି ସମସ୍ତ କାର୍ଯ୍ୟାନୁଷ୍ଠାନ ଅସମ ସମ୍ପତ୍ତି ରଖିଥିବା ଅଭିଯୋଗ ଉପରେ ଆଧାର କରି କରାଯାଇଛି। ସାହୁଙ୍କ ସମ୍ପତ୍ତି ତାଙ୍କ ଜଣାଶୁଣା ଆୟ ସ୍ରୋତ ସହିତ ମେଳ ନଥିବାରୁ ଏହି ବ୍ୟାପକ ତଳାଶି ଅଭିଯାନ ଚାଲିଛି। ବିଜିଲାନ୍ସ ସାହୁଙ୍କୁ ପଚାରାଉଛି ଏବଂ ଆଗାମୀ ଦିନରେ ଅଧିକ ସତ୍ୟ ପ୍ରକାଶ ପାଇବାର ସମ୍ଭାବନା ରହିଛି। ଅନ୍ତର୍ଯ୍ୟାମୀ ସାହୁ ୯ ଏପ୍ରିଲ ୨୦୦୭ରେ ଫରେଷ୍ଟର ଭାବେ ଯୋଗଦେଇଥିଲେ। ଭୁବନେଶ୍ୱରରେ ୧ ବର୍ଷର ଟ୍ରେନିଙ୍ଗ ପରେ ସେ କାନ୍ଧମାଳ ଜିଲ୍ଲାର ବିଭିନ୍ନ ଫରେଷ୍ଟ ସେକ୍ସନରେ କାମ କରିଥିଲେ। ବାଲିଗୁଡା, ତୁମୁଡିବନ୍ଧା, କୋଟଗଡ଼, କେ.ନୁଆଗାଁ – ସମସ୍ତେ ସେବା ସ୍ଥଳ ରହିଛି। ୨୦୧୮ରେ ସେ ଡେପୁଟି ରେଞ୍ଜର୍ ଭାବେ ପ୍ରମୋଟ୍ ହେଲେ ଏବଂ ୨୦୨୩ରେ ଫରେଷ୍ଟ ରେଞ୍ଜ ଅଫିସର ଭାବେ କାଶୀପୁର, ରାୟଗଡାକୁ ପୋଷ୍ଟିଂ ହେଲେ। ୧୮ ବର୍ଷର କାର୍ଯ୍ୟାଭିଜ୍ଞତାରୁ ୧୬ ବର୍ଷ ସେ କାନ୍ଧମାଳରେ ରହିଥିଲେ। ଏହି ଘଟଣା ସମାଜରେ ବିସ୍ତୃତ ଚର୍ଚ୍ଚା ସୃଷ୍ଟି କରିଛି। ଏକ ସରକାରୀ କର୍ମଚାରୀ କିପରି ଏତେ ବିପୁଳ ସମ୍ପତ୍ତି ସଂଗ୍ରହ କରିପାରିଲେ, ସେଥିରେ ଲୋକମାନଙ୍କ ମନରେ ପ୍ରଶ୍ନ ଉଠିଛି। ଭିଜିଲାନ୍ସ ଅଧିକାରୀମାନଙ୍କ କହିବା ଅନୁସାରେ ଏହା ମାତ୍ର ଆରମ୍ଭ, ଆଗାମୀ ଦିନରେ ଆଉ ବହୁତ ସମ୍ପତ୍ତି ଫାଶ ହେବାର ସମ୍ଭାବନା ରହିଛି। ଭିଜିଲାନ୍ସ ଏହି ସମସ୍ତ ସମ୍ପତ୍ତିର ବିସ୍ତୃତ ମୂଲ୍ୟାଙ୍କନ କରିବ। ସାହୁଙ୍କ ଆୟ ଓ ବ୍ୟୟର ତଥ୍ୟକୁ ତୁଳନା କରି Disproportionate Asset Case ଆରମ୍ଭ ହେବ।

## ଏସଡିଜି ଲକ୍ଷ୍ୟକୁ ଆଗକୁ ବଢାଇବା ପାଇଁ କିଟ୍-କିସ୍ ଓ ୟୁନେସ୍କୋ ଏମଜିଆଇଇପି ମଧ୍ୟରେ ବୁଝାମଣା

ଭୁବନେଶ୍ୱର, (ପି.ଏନ): ଜାତିସଂଘ ଶତତ ବିକାଶ ଲକ୍ଷ୍ୟ (ଏସଡିଜି) ୪.୭ର ଲକ୍ଷ୍ୟକୁ ଆଗକୁ ବଢାଇବା ପାଇଁ ୟୁନେସ୍କୋ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଫର ପିସ୍ (ଏମଜିଆଇଇପି) ଓ କିଟ୍-କିସ୍ ମଧ୍ୟରେ ଏକ ସହଯୋଗ ଚୁକ୍ତି ସ୍ୱାକ୍ଷର ହୋଇଯାଇଛି। ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ୟୁନେସ୍କୋ ଏମଜିଆଇଇପି ନିର୍ଦ୍ଦେଶକ ପ୍ରଫେସର ଓବିଜିଓଫର ଅଗିନମଙ୍କ ଉପସ୍ଥିତିରେ ଏହି ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ସହଯୋଗିତା ମାଧ୍ୟମରେ ଉଭୟ ପକ୍ଷ ସାମାଜିକ ଏବଂ ଭାବପ୍ରବଣ ଶିକ୍ଷା (ଏସଇଏଲ) ଏବଂ ଗଣମାଧ୍ୟମ ଏବଂ ସୂଚନା ସାକ୍ଷରତା କ୍ଷେତ୍ରରେ ପ୍ରଭାବୀ ପାଠ୍ୟକ୍ରମର ବିକାଶ ସହିତ ଏସଡିଜି ଆହ୍ୱାନର ମୁକାବିଲା ପାଇଁ ଯୁବ ନେତୃତ୍ୱାଧୀନ ଗୋଷ୍ଠୀ ପ୍ରକଳ୍ପ ଆରମ୍ଭ କରିବାରେ ସହଯୋଗ କରିବେ।



ଏହି ସହଯୋଗ ଯୁବଗୋଷ୍ଠୀ ମଧ୍ୟରେ ସହାନୁଭୂତି, ସଚେତନତା, ସହଯୋଗ ଏବଂ ସମାଲୋଚନାମୂଳକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ବିଶେଷ କରି ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ସମାଜ ଗଠନ ଦିଗରେ ଯୁବଗୋଷ୍ଠୀ ପାଇଁ ଆବଶ୍ୟକ କୌଶଳଗୁଡିକ ଉପରେ ସେମାନଙ୍କୁ ସଚେତନ କରାଯିବ। ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ବିଶ୍ୱାସ କରି ଆମେ ଏକାଠି ଆଗକୁ ବଢୁଛୁ ବୋଲି ଉଭୟ ପକ୍ଷରୁ କୁହାଯାଇଛି। ଅନ୍ୟ ପକ୍ଷରେ ୟୁନେସ୍କୋ ଏମଜିଆଇଇପି ନିର୍ଦ୍ଦେଶକ ପ୍ରଫେସର ଓବିଜିଓଫର ଅଗିନମଙ୍କ ନେତୃତ୍ୱରେ ୟୁନେସ୍କୋ ଏମଜିଆଇଇପି ଦ୍ୱାରା ଆୟୋଜିତ 'ଭାରତରେ ଶାନ୍ତି ପାଇଁ ଶିକ୍ଷା' ଉପରେ ଗୋଲଟେବୁଲ ବୈଠକରେ ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରି ସାମାଜିକ ବିକାଶରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସଡିଜି ୪.୭ ଅନୁରୂପ ଶାନ୍ତିପୂର୍ଣ୍ଣ, ସ୍ଥାୟୀ ଏବଂ ସ୍ଥାୟୀ ସମାଜ ଗଠନ ପାଇଁ ଶିକ୍ଷା କିପରି ସହାନୁଭୂତି, ମାନବିକ ମୂଲ୍ୟବୋଧ ଏବଂ ସମାଲୋଚନାମୂଳକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିପାରିବ ତା ଉପରେ ଆଲୋଚନା କରାଯାଇଥିଲା।

## ଗଜପତିରେ ପୃଥକ୍ ଦୁର୍ଘଟଣା: ୭ ଆହତ, ୪ ଗୁରୁତର

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ମୋହନା ଓ ଅଡ଼ବା ଥାନା ଅଞ୍ଚଳରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୭ ଆହତ ହୋଇଥିବା ବେଳେ ୪ ଗୁରୁତର ହୋଇଛନ୍ତି। ଗୁରୁତର ୪ ଜଣଙ୍କୁ ମୋହନା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଉଭୟ ଘଟଣାରେ ପୁଲିସ ତଦନ୍ତ କରୁଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ଗୁରୁବାର ମଧ୍ୟାହ୍ନରେ ମୋହେନା ଥାନା ପି. ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରୁ ରାସନ ଚାଉଳ ନେଇ ଏକ ଅଟୋରେ କେଶରା ଗାଁକୁ ଫେରୁଥିଲେ କିଛି ମହିଳା। ବିପରୀତ ଦିଗରୁ ମେରାମା ଗାଁର ପ୍ରଦୀପ ମଲ୍ଲିକ (୩୫) ଓ ତାଙ୍କ ସ୍ତ୍ରୀ ରାଜେନ୍ଦ୍ରି ମଲ୍ଲିକ (୨୫) ଗୋଟିଏ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ଗୋବିନ୍ଦପୁର ଗାଁ ନିକଟରେ ଉଭୟ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାରେ ଅଟୋରେ ଥିବା ୭ ଜଣ ମହିଳା ଆହତ ହୋଇଥିବା ବେଳେ ବାଇକ୍ ?ରେ ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୋବିନ୍ଦପୁର ମେଡିକାଲ ପରେ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ସ୍ୱାମୀ ଓ ସ୍ତ୍ରୀଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସେହିପରି ଅପରାହ୍ନ ୪ ଟାରେ ଅଡ଼ବା ଥାନା ଦାମଦୁଆ ନିକଟରେ ମାକ୍ସ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ଧକ୍କା ହୋଇଛି। ଦାମଦୁଆରୁ ଅଡ଼ବା ପିକ୍‌ଅପ୍ ଭ୍ୟାନ ଆସୁଥିବା ବେଳେ ବିପରୀତ ଦିଗରୁ ଅଡ଼ବାରୁ ଫେରୁଥିବା ବାଇକ୍ ସହ ଧକ୍କା ହୋଇଥିଲା। ବାଇକ୍‌ରେ ଥିବା ଟାଙ୍ଗୀଲିପଦର ଗ୍ରାମର ସନ୍ତୋଷ ମଲ୍ଲିକ (୩୫) ଓ ତାଙ୍କ ଭଉଣୀ ହିକିରିକୃପା ଗାଁର ବିଦ୍ୟାବତୀ ମଲ୍ଲିକ (୩୫)ଗୁରୁତର ଆହତ ହୋଇଛନ୍ତି। ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଅଡ଼ବା ମେଡିକାଲରେ ପରେ ମୋହନା ମେଡିକାଲ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ଉଭୟ ଘଟଣାରେ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଜବତ ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଓ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ମୋବାଇଲ୍ ଚୋରୀ ଅଭିଯୋଗରେ ଜଣେ ଗିରଫ-୧୦ ମୋବାଇଲ୍ ଜବତ

ପାରାଦୀପ,(ପି.ଏନ): ପାରାଦୀପ ଲକ୍ ଥାନା ଅ'ର୍ଗତ ନିମିଢି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରୁ ଚାରିଗୋଟି ମୋବାଇଲ୍ ଚୋରି ହୋଇଥିଲା । ଏହି ଘଟଣାର ସିସିଟିଭି ଫୁଟେଜ୍ ଦେଖିବା ପରେ ସଂପୃକ୍ତ ଘରମାଲିକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ୍ ଅଭିୁକ୍ତକୁ ଧରିବା ସହିତ ବିଭିନ୍ନ ନାମୀଦାମୀ କମ୍ପାନୀର ୧୦ଗୋଟି ମୋବାଲ୍ ସମେତ ଅଭିଯୁକ୍ତକୁ ଗିରଫ କରିଥିବା ନେଇ ପାରାଦୀପ ଏଏପି ସ୍ମୃତିରଂଜନ କର ଏବଂ ଥାନା ଅଧିକାରୀ ରଶ୍ମିରଂଜନ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ପାରାଦୀପଗଡ ପଂଚାୟତ ନିମିଢି ଗ୍ରାମର ପ୍ରମୋଦ ତରାଇଙ୍କ ଘରେ କିଛି କମ୍ପାନୀ ଲୋକ ଭଡାରେ ରହୁଥିଲେ । ଭଡାରେ ରହୁଥିବା ଲୋକଙ୍କର ଚାରିଗୋଟି ମୋବଇଲ୍ ଚୋରି ହେବା ନେଇ ସେମାନେ ଘର ମାଲିକ ପ୍ରମୋଦଙ୍କୁ ଜଣାଇଥିଲେ । ପ୍ରମୋଦ ସିସିଟିଭି ଫୁଟେଜ୍ ଦେଖିବା ପରେ ଅଭିଯୁକ୍ତ ସେହି ଗ୍ରାମର ସନାତନ ଲେଙ୍କାଙ୍କ ପୁଅ ସୌମେନ୍ଦ୍ର ଲେଙ୍କା(ଜଟିଆ) ମୋବାଇଲ୍ ଚୋରି କରି ନେଉଥିବା ଦେଖିବାକୁ ପାଇଥିଲେ । ଏହା ପରେ ପ୍ରମୋଦ ଲକ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଅଭିଯୁକ୍ତ ଜଟିଆ(୩୭)ଙ୍କୁ ଧିବା ସହିତ ତା ନିକଟରୁ ୧୦ରୁ ଉର୍ଦ୍ଧ ଚୋରା ମୋବାଇଲ୍ ଜବତ କରିଯାଇଛି । ଜବତ ମୋବାଇଲ୍‌ର ମୂଲ୍ୟ ଦୁଇ ଲକ୍ଷଟଙ୍କା ହେବା ନେଇ ପୋଲିସ୍ ସୂଚନାରୁ ଜଣାପଡିଛି ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା : ଗଜପତିରୁ ୭୨ଜଣ ଗଲେ ଅଯୋଧ୍ୟା

ପାରଳାଖେମୁଣ୍ଡି, (ପି.ଏନ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଗଜପତି ଜିଲ୍ଲାର ୭୨ ଜଣ ଅଯୋଧ୍ୟା-ବାରଣାସୀ ଯାତ୍ରା କରିଛନ୍ତି. ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରେ ତୀର୍ଥଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ? ଭାବେ ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହନଗା, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ କ୍ରୀଡା ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜଙ୍କ ଉପସ୍ଥିତିରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଦୁଇଟି ବସ୍ ?କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ସୂଚନା ପ୍ରକାରେ ଏହି ତୀର୍ଥ ଯାତ୍ରା ଶନିବାର ବ୍ରହ୍ମପୁରରୁ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହେବ। ଏହି ଯାତ୍ରାରେ ଗଜପତିର



ଗୋଷାଣି ବ୍ଲକରୁ ୧୬, ରାୟଗଡ଼, ନୁଆଗଡ଼, ରା.ଉଦୟଗିରି, ମୋହନା, ଗୁମ୍ମା ବ୍ଲକର ୫ଜଣ ଲେଖାଏଁ, କାଶୀନଗର ଗର ବ୍ଲକରୁ ୯, ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିରୁ ୧୪ ଜଣ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫ ଜଣ ବରିଷ୍ଠ ନାଗରିକ ରହିଛନ୍ତି। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତାଙ୍କ ସମେତ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

## ମରଣକୁ ଆହ୍ୱାନ କରୁଛି ଆଟିଗାଁ ରାସ୍ତା, ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ନିଦ୍ରିତ

ଧର୍ମଗଡ଼(ପି ଏନ ) :-ଓଡ଼ିଶା ରାଜ୍ୟର କଳାହାଣ୍ଡି ଜିଲ୍ଲା ଏକ ଅନୁନ୍ନତ ପଛୁଆ ଜିଲ୍ଲା ହୋଇଥିବାରୁ ସ୍ୱତନ୍ତ୍ର ଗ୍ରାମୀଣ ଅଞ୍ଚଳର ବିକାଶ ସକାଶେ ରାସ୍ତା ଘାଟ ଉନ୍ନତି କରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ରାଜକୋଷ ରୁ କୋଟି କୋଟି ଟଙ୍କାର ବ୍ୟୟ ବରାଦ ହେଉଛି। କିନ୍ତୁ ପରିତାପର ବିଷୟ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଁଟିଗାଁ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଗୋଲାମୁଣ୍ଡା ବ୍ଲକ ଡୁକ୍ରି ପଡା ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ପ୍ରାୟ ତିନି କି ମି ଦୂର ପର୍ଯ୍ୟନ୍ତ ହେବ ଦୀର୍ଘ ବର୍ଷରୁ ରାସ୍ତାଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବାରୁ ରାସ୍ତାଟି ମରଣ ଯନ୍ତା ପାଲଟି ଥିବାନେଇ ଲୋକେ ଦହନୀୟ ଅବସ୍ଥାରେ ଗତି କରୁଛନ୍ତି ।ଏହି ରାସ୍ତାରେ ବଡ଼ ବଡ଼ ଖାଲ ଖମା ଗର୍ତ୍ତ ରହିଥିବାରୁ ଲଗାଣ ବର୍ଷା ସମ୍ପ୍ରତିରେ କାଦୁଆ ପଚ୍ ପଚ୍ ରେ ହଜାର ହଜାର ସାଧାରଣ ଲୋକେ ଗମନା ଗମନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବଂ ଅନେକ ଲୋକ ଦୁର୍ଘଟଣା ର ଶିକାର ହେବାକୁ ପଡୁଛି, ଏହିଁ ରାସ୍ତା ଟି ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ମୁଖ୍ୟ ରାସ୍ତା ହୋଇ ଥିବା ସତ୍ତ୍ୱେ କୌଣସି ରାଜ ନେତା ଓ ମନ୍ତ୍ରୀ



ତଥା ପ୍ରଶାସନ ଙ୍କ ଦୃଷ୍ଟିପାତ ହେଉନାହିଁ ।ଯାହାଫଳରେ ଅଞ୍ଚଳର ସାଧାରଣ ଲୋକ ସାଙ୍ଗକୁ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କୁ ଯିବା ଆସିବାରେ କଷ୍ଟ ଉଠାଇବାକୁ ପଡୁଛି । ବିଶେଷ ପରିମାଣରେ ଆଁଟିଗାଁ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଦୁଆର ମୁହଁରେ ବଡ ବଡ ଖାଲ ଖମା ଗର୍ତ୍ତ ରେ ଆଣ୍ଠୁଏ ପାଣି ଜମିରହୁ ଥିବାରୁ ବୃଦ୍ଧ ବୃଦ୍ଧା ମାନଙ୍କୁ କାର୍ଯ୍ୟାଳୟ କୁ ଯିବାପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରାପ୍ତ ସୂଚନାରୁ ଦୀର୍ଘ ଦିନରୁ ଏହି ରାସ୍ତା ନିର୍ମାଣ ପାଇଁ ମାନ୍ୟବର କଳାହାଣ୍ଡି ସାଂସଦ ମାଳବିକା ଦେବୀ, ମାନ୍ୟବର ବିଧାୟକ ଜୁନାଗଡ଼ ଦିବ୍ୟ ଶଙ୍କର ମିଶ୍ର,ଜୁନାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଙ୍କୁ ବାରମ୍ବାର ଅଭିଯୋଗ ଦାଖଲ କରିଆସୁଥିଲେ ମଧ୍ଯ ଫସର ଫାଟୁଛି ପ୍ରତିଶ୍ରୁତି ବୋଲି ଗଣମାଧ୍ୟମ ଆଗରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଏନେଇ ଯଦି ଆସୁଥିବା ଆଗାମୀ ପାର୍ବଣ ଋତୁର ଯୁଦ୍ଧକାଳୀନ ଭିତ୍ତିରେ ନେତା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଆବଶ୍ୟକ ପଦକ୍ଷେପ ନ ନିଅନ୍ତି ତାହେଲେ ତୀବ୍ର ଜନ ଅସନ୍ତୋଷ ସହିତ ରାସ୍ତା ରୋକ୍ କରାଯିବ ବୋଲି ଆଟିଗାଁ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସ୍ମିତା ପ୍ରଧାନ, ୱାର୍ଡ ମେମ୍ବର ଗିରିଧାରୀ ବଗର୍ତ୍ତି,ଗୋଲାପି ନାଏକ,ସୁଶାନ୍ତ ପ୍ରଧାନ,ସୁଧର ପଟେଲ,ତୀର୍ଥରାଜ ନାଗ,ଗ୍ରାମବାସୀ ସାଙ୍ଗକୁ ପଥଚାରୀମାନେ ଗଣମାଧ୍ୟମ ଆଗରେ ପ୍ରଶାସନଙ୍କୁ ଚେତାବନୀ ଦେଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray